# ଆଦିବାସୀ ମେଳା-୨୦୧୭ (ଦ୍ୱାଦଶ ସନ୍ଧ୍ୟା)

## କିସାନ୍ ନୃତ୍ୟର ତାଳେ ତାଳେ

ଭୁବନେଶ୍ୱରର ତା ୬/୨/୨୦୧୭ ରିଖ ୟୁନିଟ୍-୧, ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଦ୍ୱାଦଶ ଦିନରେ ପହଞ୍ଚିଛି । ମୁକ୍ତ ରଙ୍ଗମଞ୍ଚରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ କଳାକାରମାନଙ୍କ ଦ୍ୱାରା ପ୍ରତି ସନ୍ଧ୍ୟାରେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଦର୍ଶକମାନଙ୍କ ଆଗ୍ରହ ରହୁଛି । ଆଜି ସନ୍ଧ୍ୟାରେ ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପାଖୁଡ଼ା ଥିଲା କିସାନ ନୃତ୍ୟ । ବଣାଇ, ଆଇ.ଟି.ଡ଼ି.ଏ ଅଂଚଳରୁ ଆସିଥିବା କିସାନ କଳାକାରମାନେ ସୁନ୍ଦର ଭାବରେ ଏହି ନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଚମକାଇ ଦେଇଥିଲେ । କିସାନ ଏକ ଶାନ୍ତିପ୍ରିୟ ଜନଜାତି ଗୋଷ୍ଠୀ । କୃଷି ଏମାନଙ୍କର ମୁଖ୍ୟ ଜୀବିକା । ବିଭିନ୍ନ ପର୍ବପର୍ବାଣି ଓ ସାମାଜିକ ଅନୁଷ୍ଠାନମାନଙ୍କରେ ସେମାନେ ଫାଗୁନ୍, ଜାଦୁର, କରମା, ଝୁମର ଆଦି ଭିନ୍ନ ଭିନ୍ନ ନୃତ୍ୟ ପରିବେଷଣ କରନ୍ତି । ଉଭୟେ ପୁରୁଷ ଓ ମହିଳା କଳାକାରମାନେ ଏହି ନୃତ୍ୟରେ ଅଂଶଗ୍ରହଣ କରନ୍ତି । ବାଦ୍ୟର ତାଳେ ତାଳେ ମହିଳାମାନେ ପରସ୍ପର ହାତ ଧରାଧରି ହୋଇ ବୃତ୍ତାକାରରେ ନୃତ୍ୟ କରିଥାଆନ୍ତି । କିସାନ୍ ନୃତ୍ୟ ପରେ ପରେ ସୁନ୍ଦରଗଡ ଜିଲ୍ଲା, ଲହୁଣୀପଡ଼ାରୁ ଆସିଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଦର୍ଶକମାନେ ଖୁସିହେବା ସହିତ ପାନପୋଷ ଆଇ.ଟି.ଡି.ଏ. ପ୍ରାୟୋଜିତ ଓରାଓଁ ନୃତ୍ୟର ମୌଳିକତାକୁ ପ୍ରଶଂସା କରିବାକୁ ଭୁଲିନଥିଲେ । ବଣାଇ ଅଂଚଳର ଖୁଣ୍ଟଗାଁରୁ ଆସିଥିବା ପାଉଡ଼ିଭୂୟାଁ କଳାକାରମାନଙ୍କ ଚାଙ୍ଗୁ ନୃତ୍ୟ ସହିତ ପାନପୋଷ କଳାକାରମାନଙ୍କ ବିହାନୃତ୍ୟ ଭାରି ଚମତ୍କାର ହୋଇଥିଲା । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୁଆଁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟଶୈଳୀକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ । ଶେଷରେ ପୁରୀ ଜିଲ୍ଲାର କୋଣାର୍କ ଆଶ୍ରମ ବିଦ୍ୟାଳୟର ପିଲାମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରି ସେମାନଙ୍କ ଅନ୍ତର୍ନିହିତ କଳା ପ୍ରତିଭାର ପରିଚୟ ଦେଇଥିଲେ । ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବ ୨୦୧୭ ଫେବୃୟାରୀ ୯ ତାରିଖରେ ଉଦ୍‌ଯାପିତ ହେବ । ଦର୍ଶକମାନଙ୍କ ନିମନ୍ତେ ମେଳା ପରିସର ଦିନ ୨ଟାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି ।